# OFFICE OF THE TAHASILDAR BASTA

Letter No. 2333 / Tz Date. 22.X.21

To

The Deputy Director-Cum-Deputy Secretary (Advertisement)
Information & Public relation department,
Government of Odisha, Bhubaneswar.

**Sub:-** Publication of sairat source for auction in two daily widely circulated Odiya Newspaper .

Sir,

With reference to the subject cited above I am to request you to kindly publish the attached Sairat source for auction in two daily widely circulated odiya News paper at least one of which shall be a state level and other having wide publicity in the lease area for widely publicity of the Notice .

Further, I would request you again to publish the same on 23.010.2021 or 24.10.2021 as it is urgently required for publication on such date.

Yours faithfully

Tahasildar, Basta

Memo No 2334 /TZ Dt 22.X.21

Copy submitted to the Collector & District Magistrate, Balasore / Sub-Collector ,Balasore for favour of kind information and necessary action .

Copy alongwith term and condition regarding auction sale of sairat source forwarded to the District Informatics officer ,NIC, Balasore for information and necessary action . He is requested to upload in the website www.balasore.nic.in for reference .

Tahasildar, Basta

# ତହସିଲଦାରଙ୍କ କାର୍ଯ୍ୟାଳୟ, ବସ୍ତା ( ବାଲେଶ୍ୱର )

ପତ୍ର ସଂଖ୍ୟା ୨୦୨୨ ତା ୨୭.୧୦.୨୦୨୧

## ଲଘୁ ଖଣିଜଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - 2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ) ଆଇନ-2017 ଅନୁଯାୟୀ )

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବସ୍ତା ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟ ସୈରାତ ଉତ୍ସ ଗୁଡିକୁ ଅନ୍ୟୁନ୍ୟ 5 (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ପ୍ରକାଶ ଥାଉକି ଲିଜରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଉତ୍ସଗୁଡିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ ।

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ) 2017 ବର୍ଣ୍ଣିତ ତିନିକିତା ଫର୍ମ – 'M' ପୂରଣକରି ତତ୍ ସହିତ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ ।

I. ଦରଖାସ୍ତ ଫି ବାବଦକୁ ଟ. 1.000/- ( ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ ( Head of Account – 0853 – Non – Ferrous Mining and Metallurgical Industries – 102 – Mineral concession Fees, Rents and Royalties), ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

II. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

III. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟି ର ଶତକଡା 05 ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକ କୃତ ବା Pledged ବ୍ୟାଙ୍କ ଡ୍ରାଫଟ୍ ।

2. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( Minimum Guaranteed Quantity) ନିମନ୍ତେ ଆବୋଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟିର ସମପରିମାଣର ଏକ ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee)/ Solvency Certificate ଯାହାକି 18 ମାସ ବୈଧ ଥିବ ।

( Requisite Bank guarantee– Minimum Guaranteed Quantity X (Offered Additional Charge + Royalty)

3. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା ।

4. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ସୈରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

5. ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କୁ ମନୋନୟନର 7 (ସାତ) ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର 15 ଦିନ ମଧ୍ୟରେ ମନୋନିତ ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନରେ ଥିବା ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ପରିମାଣର ଏକ ଚତୁଃର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ Earnest Money କୁ ବାଦ୍‌ଦେଇ ବଳକା ଥିବା ରାଶି ଜମା କରିବେ । ଯଦି ମନୋନୀତ ଆବେଦନକାରୀ 15 ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନ କରନ୍ତି ତେବେ ତାଙ୍କର EMD ବାବଦକୁ ଜମାଥିବା ରାଶି ବାଜ୍ୟାପ୍ତି କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତ କାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲା ପରେ ଅକୃତକାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ ।

6. ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଅନୁଯାୟୀ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) କିମ୍ବା ପ୍ରାଧୀକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଯାହା ଅଧିକ ହେବ ସେହି ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡ଼ିବ । ଏହାପରେ ଲିଜଧାରୀ 7 (ସାତ) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଲିଜ୍ Agreement ବା ଚୁକ୍ତି ( ରେଜିଷ୍ଟ୍ରେସନ ଆକ୍ଟ -1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ) ସମ୍ପାଦନ କରିବେ । ଯଦି ନିର୍ବାଚିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନକରନ୍ତି ତେବେ ତାଙ୍କର EMD ଓ ଜମାକରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା 5 ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପୈଠ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral Foundation ବାବଦକୁ ଶତକଡା 10 ଭାଗ ଅର୍ଥ ଜମାକରିବାକୁ ପଡ଼ିବ ।

7. ଧାରା – 28 ଅନୁଯାୟୀ ଲିଜଧାରୀଙ୍କୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ Dead Rent, Compensatory Aforestation କ୍ଷତିପୂରଣ ନବୀକରଣ ନିମନ୍ତେ ଫି ଏବଂ Surface Rent ଦାଖଲ କରିବାକୁ ପଡ଼ିବ । ଲିଜଧାରୀଙ୍କୁ ସରକାର ଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି / dead rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମା କରିବାକୁ ପଡ଼ିବ ।

ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ। ତେଣୁ ଲିଜଧାରୀଙ୍କୁ ପ୍ରାଧିକୃତ ଅଧିକାରୀଙ୍କ ଦ୍ଵାରା ଦିଆଯାଇଥିବା ସର୍ବ ନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । ଯଦି ଲିଜଧାରୀ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତ୍ତୋଳନ କରିବେ, ତେବେ ସେଥିପାଇଁ ଲିଜଧାରୀଙ୍କୁ ଅଧିକ ଉତ୍ତୋଳନର ସମସ୍ତ ଦେୟ ତହସିଲଦାର ବସ୍ତାଙ୍କ ଠାରେ ଦାଖଲ କରିବା ପାଇଁ ପଡିବ ।

୫. ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲ୍ଲଙ୍ଘନ କଲେ ଜମା ଦେଇଥିବା ସିକ୍ୟୁରିଟି ଜମା ରାଶିକୁ ବାଜ୍ୟାପ୍ତି କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୬. ସର୍ବୋଚ୍ଚ ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟର 2 % (ଶତକଡା ଦୁଇ) ଆୟକର ବାବଦକୁ ପ୍ରତ୍ୟେକ ବର୍ଷ ଜମା କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ ଦିଆ ଲଫାଫାରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ବିଜ୍ଞାପନ ପ୍ରକାଶ ତିଖରୁ ତା 15.11.2021 ରିଖ ଅପରାହ୍ନ 05.30 ମଧ୍ୟରେ ଦାଖଲ କରିପାରିବେ (ଛୁଟିଦିନ ବ୍ୟତୀତ) । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ଠିକଣା- ବସ୍ତା ତହସିଲଦାର କାର୍ଯ୍ୟାଳୟ, ବସ୍ତା ସା/ ପୋ- ବାହାର୍ଦ୍ଦା ବଜାର ଥାନା- ବସ୍ତା ଜି:- ବାଲେଶ୍ୱର ପି- ୭୫୬୦୨୯ । ଆବେଦନକାରୀ ପ୍ରାଧିକୃତ ଅଧିକାରୀଙ୍କ ଦ୍ଵାରା ( Competent Authority ) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତ ଟି ନାକଚ ହେବ ।

ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା 16.11.2021 ରିଖ ଦିବା ୧୧ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ବୈଧ ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟରେ ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ ( ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ଵାରା ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ

ସର୍ବାଧିକ ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ଅମାନତ ରାଶି ଜମା କରିବେ । ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ଜମା ନ କରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟୀ ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ ( District Mineral Foundation ) ଦେବାକୁ ଥିବା ଦେୟକୁ ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବାକିଥିବା ରାଶିର ପରିମାଣ ଶୁଦ୍ଧ ରହିତ ଅମାନତ ରାଶିର ଗ୍ରହଣ ପରିମାଣ ସହ ସମାନ ହେବ ।

ମନୋନୀତ ଆବେଦନକାରୀ Mining Plan ଏବଂ Environmental Clearance ର ଖର୍ଚ୍ଚ ହୋଇଥିବା ସମସ୍ତ ରାଶି ପୈଠ କରିବେ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଅବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ – ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ) – ୨୦୧୭ ନିଯମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତିପତ୍ର ସମ୍ପାଦନ କରିବାକୁ ହେବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ ତା 17.11.2021 ରିଖରୁ ତା 23.11.2021 ରିଖ ଅପରାହ୍ନ 05.30 ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ପ୍ରଥମୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ତା 24.11.2021 ରିଖ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ ନିମନ୍ତେ ଚୟନ କରାଯିବ । ସେହିପରି ଯଦି ଦ୍ୱିତୀୟ ଥର ମଧ୍ୟ ଉକ୍ତ ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନ ଥାଏ କିମ୍ବା ଉକ୍ତ ଉତ୍ସ ପାଇଁ ଅଯୋଗ୍ୟ ବିବଚିତ ହୁଅନ୍ତି ତେବେ ତୃତୀୟ ଥର ପାଇଁ ତା 25.11.2021 ରିଖରୁ ତା 01.12.2021 ରିଖ ଅପରାହ୍ନ 05.30 ମଧ୍ୟରେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ ଏବଂ ସେ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ତା 02.12.2021 ରିଖ ଦିବା 11 ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।

ତହସିଲଦାର ବସ୍ତା

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ର.ନଂ | ମୌଜା | ଖଣି ନଂ | ଖାତା | ପ୍ଲଟ | ରକବା | ସର୍ବନିମ୍ନ ଉତ୍ତୋଳନ ପରିମାଣ ବାର୍ଷିକ | ସରକାରୀ ଧାର୍ଯ୍ୟ @ Cubic met. |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | ମଥାନୀ ଏବଂ ପୁନସୀତା | ବାଲି | 143 & 227 | 37 & 25 | Ac. 03.08 dec | 4,630 Cum | Rs.35/- + Rs. 10.50/- |

ତହସିଲଦାର ବସ୍ତା

ପରିପତ୍ର ସଂଖ୍ୟା. ୨୬୬୮ /ତଉଜି/ ତା ୨୨.୧୦.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ,ବାଲେଶ୍ୱରଙ୍କ କାର୍ଯ୍ୟାଳୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବସ୍ତା

ପରିପତ୍ର ସଂଖ୍ୟା. ୨୬୬୯ /ତଉଜି/ ତା ୨୨.୧୦.୨୦୨୧

ଏହାର ଏକକିତା ନକଲ ସରପଞ୍ଚ, ବାହାର୍ଦ୍ଧା ଗ୍ରାମପଞ୍ଚାୟତଙ୍କ କାର୍ଯ୍ୟାଳୟ ନୋଟିସ୍ ଫଳକ ନିମନ୍ତେ ଦିଆଗଲା । ଏହାର ଏକକିତା ନକଲ ବାହାର୍ଦ୍ଧା ମୌଜାର ଏକ ପ୍ରକାଶ୍ୟ ସ୍ଥାନରେ ଡେଙ୍ଗୁରା ଦ୍ୱାରା ଘୋଷଣା ଜାରି କରି ସର୍ବସାଧାରଣଙ୍କ ଅବଗତି ପାଇଁ ଦିଆଗଲା ।

ତହସିଲଦାର, ବସ୍ତା

ପରିପତ୍ର ସଂଖ୍ୟା. ୨୬୭୦ /ତଉଜି/ ତା ୨୨.୧୦.୨୦୨୧

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ବାଲେଶ୍ୱରଙ୍କ କାର୍ଯ୍ୟାଳୟ / ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସ୍ତାଙ୍କ କାର୍ଯ୍ୟାଳୟ / ଭାରପ୍ରାପ୍ତ ଅଧିକାରୀ, ବସ୍ତା / ସିଂଲା ଥାନା ଙ୍କ ଅବଗତି ନିମନ୍ତେ ଦିଆଗଲା ।

ତହସିଲଦାର, ବସ୍ତା

ପରିପତ୍ର ସଂଖ୍ୟା. ୨୬୭୧ /ତଉଜି/ ତା ୨୨.୧୦.୨୦୨୧

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ (ନୋଟିସ ଫଳକ) / ରାଜସ୍ୱ ନିରୀକ୍ଷକ, ବସ୍ତା / ଅମର୍ଦ୍ଧା / ଗୁଡିଖାଲ୍ /ଦାଣ୍ଡି / ସାହାଡାଙ୍କ କାର୍ଯ୍ୟାଳୟ ନୋଟିସ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଦିଆଗଲା ।

ତହସିଲଦାର, ବସ୍ତା

ପରିପତ୍ର ସଂଖ୍ୟା. ୨୬୭୨ /ତଉଜି/ ତା ୨୨.୧୦.୨୦୨୧

ଏହାର ଏକକିତା ନକଲ D.I.O, N.I.C. ବାଲେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହି ବିଜ୍ଞାପନକୁ ଜିଲ୍ଲା website ରେ ବହୁଳ ପ୍ରଚାର ନିମିତ୍ତ upload କରିବା ପାଇଁ ଅନୁରୋଧ କରାଗଲା ।

ତହସିଲଦାର, ବସ୍ତା